**ROLL NO.** | | | | | | |

# DAV PUBLIC SCHOOLS, ODISHA ZONE – I
# ANNUAL EXAMINATION, 2020-21

**ସାଧାରଣ ନିର୍ଦ୍ଦେଶାବଳୀ -**

୧. ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

୨. ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।

୩. ଅକ୍ଷରଗୁଡିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।

୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖିବା ଆରମ୍ଭ କର ।

୫. ପ୍ରଶ୍ନପତ୍ରରେ ୪ଟି ବିଭାଗରେ ୧୪ ଟି ମୁଦ୍ରିତ ପ୍ରଶ୍ନ ରହିଛି ।

## CLASS-VIII
## SUBJECT- HIGHER ODIA

**TIME-3 Hours** **Maximum Marks -80**

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ - Reading - 10

(ଖ) ଲିଖନ - Writing - 15

(ଗ) ବ୍ୟାକରଣ - Grammar - 25

(ଘ) ସାହିତ୍ୟ - Literature - 30

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

### 'କ' ବିଭାଗ(୧୦)

**୧. ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(୨x୫=୧୦)**

ଶିକ୍ଷା ହିଁ ସଭ୍ୟତାର ବିକାଶକୁ ଆଗକୁ ନେଇଥାଏ । ସାମାଜିକ , ଅର୍ଥନୈତିକ ଓ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଏବେ ପ୍ରଗତିଶୀଳ । ଏହି ଧାରାକୁ ଅପରିବର୍ତ୍ତିତ ରଖିବାପାଇଁ ହେଲେ ଗୁଣାତ୍ମକ ଶିକ୍ଷା ଜରୁରୀ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଭିତରେ ଭରି ରହିଛି ଅପାର ସମ୍ଭାବନା । ତାହାକୁ ନେଇ ଛାତ୍ରଛାତ୍ରୀମାନେ ଖାଲି ଭଲ ପାଠ ପଢ଼ି ଯେ ନିଜର ସ୍ୱପ୍ନ ପୂରଣ କରିବେ ତାହା ନୁହେଁ ; ନିଜ ପିତାମାତାଙ୍କ ପ୍ରତି ଥିବା ଗୁରୁଦାୟିତ୍ୱକୁ ମଧ୍ୟ ତୁଲାଇବାକୁ ପଡ଼ିବ । ବିଶେଷକରି ଦେଶ,ମା' ଓ ମାଟିର ଗୌରବରେ ନିଜେ ବ୍ରତୀ ହେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଛାତ୍ର ସମାଜକୁ ଶିଶୁଦିବସରେ ଆହ୍ୱାନ ଦେଇଛନ୍ତି । ରାଜ୍ୟସ୍ତରୀୟ ଶିଶୁଦିବସ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ମନକଥାରେ ଭଲ ପାଠ ପଢ଼ିବା ସହିତ ନିଜକୁ ଗଢ଼ିବା ଏବଂ ଶ୍ରେଷ୍ଠ ପ୍ରମାଣିତ କରିବାକୁ ଆହ୍ୱାନ ଦେଇଛନ୍ତି । ମାଟ୍ରିକ୍ ପରୀକ୍ଷାରେ ଓଡ଼ିଶାରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ 'ଓଡ଼ିଆ ଭାଷା ବୃତ୍ତି' ପୁରସ୍କାର ପ୍ରଦାନ କରାଯିବ । ପ୍ରତି ବ୍ଲକ୍.ର ଦଶ ଜଣ ପିଲାଙ୍କୁ ପୁରସ୍କାର ବାବଦରେ ପାଞ୍ଚହଜାର ଟଙ୍କା ଲେଖାଏଁ ମିଳିବ । ସେହିପରି ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖୁଥିବା ଛାତ୍ରଛାତ୍ରୀଙ୍କୁ 'ମୁଖ୍ୟମନ୍ତ୍ରୀ ମେଧାବୃତ୍ତି' ପ୍ରଦାନ କରାଯିବ । ମାଟ୍ରିକ୍ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ସହିତ ସେମାନଙ୍କ ବାପାମାଆ ଓ ଶିକ୍ଷକଙ୍କୁ ସମ୍ମାନିତ କରାଯିବ ।

**ପ୍ରଶ୍ନାବଳୀ :-**

(କ) ଶିଶୁଦିବସରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଛାତ୍ରସମାଜକୁ ଆହ୍ୱାନ କ'ଣ ଥିଲା ?

(ଖ) ଗୁଣାତ୍ମକ ଶିକ୍ଷାର ବିକାଶ ଜରୁରୀ କାହିଁକି ?

(ଗ) 'ଓଡ଼ିଆ ଭାଷା ବୃତ୍ତି' ପୁରସ୍କାର କେଉଁଥିପାଇଁ ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଛି ?

(ଘ) କେଉଁ କାରଣ ପାଇଁ ବାପାମାଆ ଓ ଶିକ୍ଷକଙ୍କୁ ସମ୍ମାନିତ କରାଯିବ ?

(ଙ) ବିଦ୍ୟାର୍ଥୀମାନଙ୍କର ପାଠପଢ଼ିବା ସହ ଆଉ କେଉଁ ମୁଖ୍ୟ କର୍ତ୍ତବ୍ୟ ରହିଛି ?

## 'ଖ' ବିଭାଗ(୧୫)

**୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** (୮)

(କ) ଛାତ୍ରଜୀବନରେ ଶୃଙ୍ଖଳା (ଖ) କରୋନା ସମୟରେ ତୁମର ଭୂମିକା (ଗ) ପରିବେଶ ସୁରକ୍ଷା

**୩. ଯେ କୌଣସି ଗୋଟିଏ ବିଷୟରେ ପତ୍ର ବା ଦରଖାସ୍ତ ଲେଖ ।** (୭)

ତୁମ ଅଞ୍ଚଳରେ ହେଉଥିବା ବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ୍‌ର ପ୍ରତିକାର ନିମନ୍ତେ 'ଟାଟାପାୱାର'ର ମୁଖ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

**କିମ୍ବା**

କୁସଙ୍ଗଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇ ସାନଭଉଣୀ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ(୨୦)

୪. (କ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (ଯେ କୌଣସି ଦୁଇଟିର) **(୧x୨=୨)**

ସାକ୍ଷର – ସ୍ୱାକ୍ଷର, କୁଜନ – କୂଜନ, ଦୀନ-ଦିନ

(ଖ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (ଯେ କୌଣସି ଦୁଇଟିର) **(୧x୨=୨)**

ଅଭିଜ୍ଞ, କୁତ୍ସିତ, ପୁରସ୍କାର

୫. (କ) ରେଖାଙ୍କିତ କ୍ରିୟା ପଦଗୁଡ଼ିକର ନାମ ଲେଖ । (ଯେ କୌଣସି ଦୁଇଟିର) **(୧x୨=୨)**

i) ଶିକ୍ଷକ ଛାତ୍ରମାନଙ୍କୁ <u>ପଢ଼ାଉଛନ୍ତି</u> ।

ii) ତୁମେ <u>ଆସିଲେ</u> ସେ ଯିବ ।

iii) ମୁଁ କାଲି <u>ଯାଇଥିଲି</u> ।

(ଖ) ରେଖାଙ୍କିତ ଅବ୍ୟୟ ପଦଗୁଡ଼ିକର ନାମ ଲେଖ । (ଯେ କୌଣସି ଦୁଇଟିର) **(୧x୨=୨)**

i) ହୀରା କିଣିବ <u>କି</u> ସୁନା କିଣିବ ସେ ଜାଣିଥିବ ।

ii) <u>ଆଲୋ</u> ସଖି ! ଆପଣା ମହତ ଆପେ ରଖି ।

iii) ମୁଁ <u>ଆଉ</u> ସେ ମିଶିକରି ଖେଳିବୁ ।

୬. (କ) ତଦ୍‌ଭବ ଶବ୍ଦକୁ ତତ୍ସମ ଏବଂ ତତ୍ସମ ଶବ୍ଦକୁ ତଦ୍‌ଭବ ଶବ୍ଦରେ ପରିଣତ କର । (ଯେ କୌଣସି ତିନୋଟିର) **(୧x୩=୩)**

ଶୃଗାଳ, ମାଟି, ଭଗିନୀ, ଘିଅ

(ଖ) ରେଖାଙ୍କିତ ପଦଗୁଡ଼ିକ କେଉଁ ପ୍ରକାର ବିଶେଷ୍ୟ ଚିହ୍ନାଅ । (ଯେ କୌଣସି ତିନୋଟିର) **(୧x୩=୩)**

i) ମୟୂର ସୌନ୍ଦର୍ଯ୍ୟର ପ୍ରତୀକ ।

ii) ପଣ୍ଡାଙ୍କର ପୁରାଣ ପଢ଼□ ଚାଲିଛି ।

iii) ଉତ୍ତମ ଶିକ୍ଷକ ସମାଜର ମେରୁଦଣ୍ଡ ।

iv) ସୁରେଶ ଶ୍ରେଣୀରେ ପ୍ରଥମ ହୁଏ ।

**୭.** (କ) ରେଖାଙ୍କିତ ପଦଗୁଡ଼ିକ କେଉଁ ପ୍ରକାର ବିଶେଷଣ ଚିହ୍ନାଅ । (ଯେ କୌଣସି ତିନୋଟିର) **(୧x୩=୩)**

i) ଭାଗବତର ଦଶମ ସ୍କନ୍ଧ ପଢ଼ିବାକୁ ମୋତେ ଭଲଲାଗେ ।

ii) ଆମ ଗାଁରେ ମଧ୍ୟବିତ୍ତ ଲୋକଙ୍କ ସଂଖ୍ୟା ଅଧିକ ।

iii) କଅଁଳ ବଚନ ଅନ୍ୟକୁ ଆନନ୍ଦ ଦିଏ ।

iv) ଚାଷୀ ଭରଣେ □ାନ ଆଣି ଆମ ଘରେ ଦେଲା ।

(ଖ) ରେଖାଙ୍କିତ ସର୍ବନାମ ପଦଗୁଡ଼ିକର ନାମ ଲେଖ । (ଯେ କୌଣସି ତିନୋଟିର) **(୧x୩=୩)**

i) ଗୀତା ନିଜେ କହିଲା ।

ii) ଫକୀରମୋହନଙ୍କ ଆତ୍ମଚରିତ କିଏ ପଢ଼ିଛ ?

iii) ତାହା ମୋର ପସନ୍ଦ ହୋଇଛି ।

iv) ଯେ କାମରେ ମନ ଲଗାଏ ସେ ନିଶ୍ଚିତ ଭଲ ଫଳ ପାଏ ।

## 'ଘ' ବିଭାଗ(୩୫)

୮. ସପ୍ରସଙ୍ଗ ସରଳାର୍ଥ ଲେଖ । **(୫)**

ଗୁରୁଶିଷ୍ୟ ହେବେ ସାମାଜିକ ଇଞ୍ଜିନିୟର ।

କିମ୍ବା

ମନୁଷ୍ୟ କେବଳ ନିଜ ପାଇଁ ବଞ୍ଚେ ନାହିଁ । ସମାଜ ପାଇଁ ମଧ ବଞ୍ଚେ ।

୯. **ସଂକ୍ଷେପରେ ଉତ୍ତର ଲେଖ । (୩ଟିର)** **(୨x୩=୬)**

(କ) ଛୋଟ ପିଲାମାନେ କାହିଁକି ବୈଦ୍ୟକୁ ଦେଖିଲେ ଡରୁଥିଲେ ?

(ଖ) ପୁସ୍ତକ କୈନ୍ଦ୍ରିକ ଶିକ୍ଷାର ଅର୍ଥ କ'ଣ ?

(ଗ) ଗାନ୍ଧିଜୀଙ୍କୁ ରାତିଅ□ରେ କେଉଁ ଖବର ମିଳିଥିଲା ?

(ଘ) ପାଶ୍ଚାତ୍ୟ ସଭ୍ୟତାର ଲକ୍ଷଣ କ'ଣ ବୋଲି ଲେଖକ କହିଛନ୍ତି ?

(ଙ) ପୁଅକୁ ଭଲ କରିବା ଲାଗି ହରି କ'ଣ କଲା ?

୧୦. **ପ୍ରତ୍ୟେକ ପ୍ରଶ୍ନତଳେ ଦିଆଯାଇଥିବା ଉତ୍ତରମାନଙ୍କ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** **(୧x୪=୪)**

(କ) ଅଳକାଶ୍ରମ କେଉଁ ନଦୀ କୂଳରେ ଅବସ୍ଥିତ ?

(i) ମହାନଦୀ (ii) ବ୍ରାହ୍ମଣୀ (iii) ବୈତରଣୀ (iv) ଅଳକା

(ଖ) ଶତ୍ରୁଘ୍ନ ନାଥଙ୍କର ଆତ୍ମଜୀବନୀର ନାମ କ'ଣ ?

(i) ଉତ୍ତରକକ୍ଷ (ii) ସାଧନାର ପଥେ (iii) ଚରାଚର ହିତାୟ (iv) ଆତ୍ମଚରିତ

(ଗ) ଗାନ୍ଧିଜୀ ସପ୍ତାହର କେଉଁ ଦିନ ମୌନବ୍ରତ ପାଳନ କରୁଥିଲେ ?

(i) ରବିବାର (ii) ସୋମବାର (iii) ମଙ୍ଗଳବାର (iv) ଶନିବାର

(ଘ) ଆଲବର୍ଟ୍ ସ୍ୱାଇଜର କେଉଁଥିପାଇଁ ନୋବେଲ ପୁରସ୍କାର ପାଇଥିଲେ ?

(i) ଶାନ୍ତି ଓ ବନ୍ଧୁତା (ii) ସାହିତ୍ୟ (iii) ପଦାର୍ଥବିଜ୍ଞାନ (iv) ଅର୍ଥନୀତି

୧୧. ସପ୍ରସଙ୍ଗ ସରଳାର୍ଥ ଲେଖ । **(୫x୧=୫)**

ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

କିମ୍ବା

ମହୀୟାନ୍ ଦେବତାରେ ଭଲା
ଜାଣିଥାନ୍ତି ମୁହିଁ କେଉଁପରି !

**୧୨. ସଂକ୍ଷେପରେ ଉତ୍ତର ଲେଖ । (୩ଟିର) (୨x୩=୬)**

(କ) ବୃକ୍ଷକୁ ସୁଜନଙ୍କ ସହିତ ତୁଳନା କରାଯିବାର କାରଣ କ'ଣ ?

(ଖ) ଶୋଇରହିଥିବା ସିଂହ କି ଅସୁବିଧା ଭୋଗ କରେ ?

(ଗ) ଚିତ୍ତ ଦୃଢ଼ କରିବା ନିମନ୍ତେ କବି ପରାମର୍ଶ ଦେବାର କାରଣ କ'ଣ ?

(ଘ) ଶେଷରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ ମହର୍ଷି ବୋଲି ସମ୍ବୋଧନ କଲେ କାହିଁକି ?

(ଙ) ଶ୍ରୀକୃଷ୍ଣଙ୍କ ନାମ ଦାମୋଦର କାହିଁକି ହୋଇଛି ?

**୧୩. ପ୍ରତ୍ୟେକ ପ୍ରଶ୍ନତଳେ ଦିଆଯାଇଥିବା ଉତ୍ତରମାନଙ୍କ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୧x୪=୪)**

(କ) ଗୋପ ବାଳକମାନେ କେଉଁ ନଦୀର ଶୀତଳ ଜଳ ପାନ କଲେ?

(୧) ଯମୁନା (୨) ମହାନଦୀ (୩) ବ୍ରାହ୍ମଣୀ (୪) ସିପ୍ରା

(ଖ) କବି ଗଙ୍ଗାଧର ମେହେର ନିଜକୁ କାହା ସହିତ ତୁଳନା କରିବାକୁ କହିଛନ୍ତି?

(୧) ଛଦ୍ମବେଶୀ (୨) ଦୀର୍ଘଦେହୀ (୩) ଦୀର୍ଘଜୀବୀ (୪) ପ୍ରତିବେଶୀ

(ଗ) ରାମଙ୍କର ବନ ଗମନ ସମୟରେ ଭରତ କାହାଘରେ ଥିଲେ?

(୧) ମାଉସୀ (୨) ପିଉସୀ (୩) ମାମୁ (୪) କକେଇ

(ଘ) ବିଶ୍ୱାମିତ୍ର ବାତ୍ୟା ଉତ୍ପାଟିତ କେଉଁ ବୃକ୍ଷ ପରି ବଶିଷ୍ଠଙ୍କ ପାଦ ତଳେ ପଡିଗଲେ ?

(୧) ପିଆଶାଳ (୨) ଶାଳ (୩) ଶାଗୁଆନ (୪) ଚାକୁଣ୍ଡା

**୧୪. ଯେ କୌଣସି ଗୋଟିଏ ପ୍ରଶ୍ନର ସପ୍ରସଙ୍ଗ ଉତ୍ତର ଲେଖ । (୫)**

(କ) 'ଅଜାଗା ଘା, ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ' ।

(ଖ) ଆଜିଠୁ ସେ ସବୁ ଝାମେଲା ତୁଟେଇ ନ ଦେଲେ, ତୁମର ଏଇ ଯୋଉ ଭାଇ ନା...ଛାଡ଼ ।

*************